## ସଂକ୍ଷେପରେ

### ଆତଙ୍କବାଦୀ ଆକ୍ରମଣରେ ଅବସରପ୍ରାପ୍ତ ଯବାନ ମୃତ

ଶ୍ରୀନଗର, ୩।୨

ଦକ୍ଷିଣ କଶ୍ମୀରସ୍ଥିତ କୁଲଗାମ ଜିଲା ବେହିବାଘ ଅଞ୍ଚଳରେ ଭାରତୀୟ ସେନାର ଜଣେ ଅବସରପ୍ରାପ୍ତ ଯବାନଙ୍କ ଘର ଉପରକୁ ସୋମବାର ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି। ଆତଙ୍କବାଦୀଙ୍କ ଗୁଳିରେ ଅବସରପ୍ରାପ୍ତ ଯବାନଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସ୍ତ୍ରୀ ଓ ଝିଅ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତ ଅବସରପ୍ରାପ୍ତ ଯବାନଙ୍କର ନାମ ମଞ୍ଜୁର ଅହମଦ ୱାଗେ ହୋଇଥିବା ଜଣେ ସ୍ଥାନୀୟ ପୋଲିସ ଅଧିକାରୀ ସୁଚନା ଦେଇଛନ୍ତି। ତାଙ୍କ ସ୍ତ୍ରୀ ଓ ଝିଅଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୁରକ୍ଷାବାହିନୀ ପକ୍ଷରୁ ବେହିବାଘ ଅଞ୍ଚଳକୁ କର୍ଡନ କରାଯିବା ସହ ଆତଙ୍କବାଦୀଙ୍କ ସର୍ଚ୍ଚ ଅପରେଶନ ପ୍ରକ୍ରିୟା ଆରମ୍ଭ କରାଯାଇଛି।

### ଚୋରି କରି ଗୋଧ୍ରା ନରସଂହାର ମାମଲାର ଦୋଷୀ ଗିରଫ

**୪ ମାସ ହେଲା ଫେରାର ଥିଲେ**

ପୁଣେ, ୩।୨

ଗୋଧ୍ରା ଟ୍ରେନ୍ ନରସଂହାର ମାମଲାରେ ଗତ ୪ ମାସ ହେବ ଫେରାର ଥିବା ଦୋଷୀ ସଲିମ ଜର୍ଦ୍ଧାଙ୍କୁ ସୋମବାର ଏକ ଚୋରି ମାମଲାରେ ମହାରାଷ୍ଟ୍ରର ପୁଣେରୁ ଗିରଫ କରାଯାଇଛି। ନାସିକରେ ହୋଇଥିବା ଏକ ଚୋରି ଘଟଣାରେ ସଲିମଙ୍କର ସମ୍ପୃକ୍ତି ରହିଥିବା ପୁଣେ ଗ୍ରାମୀଣ ପୋଲିସ ସୂଚନା ଦେଇଛି। ପୁଣେ ପୋଲିସ ତାଙ୍କୁ ନାସିକ ପୋଲିସକୁ ହସ୍ତାନ୍ତର କରିଛି। ଗୋଧ୍ରା ଟ୍ରେନ୍ ନରସଂହାର ମାମଲାରେ ଗୁଜରାଟର ଏକ ଜେଲରେ ଆଜୀବନ କାରାଦଣ୍ଡ ଭୋଗୁଥିବା ସଲିମଙ୍କୁ ଗତ ସେପ୍ଟେମ୍ବର ୧୭ରେ ୭ ଦିନିଆ ପାରୋଲ ମିଳିଥିଲା। ଫଳରେ ସେ ଜେଲରୁ ବାହାରକୁ ଆସିଥିଲେ। ପାରୋଲ ଅବଧି ଶେଷ ହେବା ବେଳକୁ ସେ ଫେରାର ହୋଇଯାଇଥିଲେ।

### ତେଲୁଗୁ ଫିଲ୍ମ ନିର୍ମାତାଙ୍କ ଆତ୍ମହତ୍ୟା



ସୁକର୍ଣ୍ଣ କୃଷ୍ଣ ପ୍ରସାଦ ଚୌଧୁରୀ

ପଣଜୀ, ୩।୨

ତେଲୁଗୁ ଫିଲ୍ମ ନିର୍ମାତା ସୁକର୍ଣ୍ଣ କୃଷ୍ଣ ପ୍ରସାଦ ଚୌଧୁରୀ ସୋମବାର ଗୋଆରେ ନିଜ ଭଡ଼ାଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରାରମ୍ଭିକ ତଦନ୍ତରୁ ସେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି ବୋଲି ପୋଲିସ କହିଛି। ସୁକର୍ଣ୍ଣ ଗତ କିଛିଦିନ ହେବ କେତେକ ବ୍ୟକ୍ତିଗତ ଏବଂ ବୃତ୍ତିଗତ ସମସ୍ୟାକୁ ନେଇ ଚାପରେ ରହୁଥିବା ନେଇ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି। ରଜନୀକାନ୍ତଙ୍କ ଅଭିନୀତ ପ୍ରସିଦ୍ଧ 'କବାଲି' ଫିଲ୍ମର ସେ ପ୍ରଯୋଜକ ଥିଲେ।



ବସନ୍ତ ପଞ୍ଚମୀ ଅବସରରେ ସୋମବାର ପ୍ରୟାଗରାଜର କୁମ୍ଭମେଳା ସ୍ଥଳରେ ସାଧୁସନ୍ଥମାନେ ସ୍ୱତନ୍ତ୍ର ରୀତିନୀତି ସହ ପୂଜାର୍ଚ୍ଚନା କରୁଛନ୍ତି।

## ମହାକୁମ୍ଭ: ସୁରକ୍ଷା ଆବେଦନର ଶୁଣାଣି ଅଗ୍ରାହ୍ୟ

**ହାଇକୋର୍ଟ ଯିବାକୁ କହିଲେ ସୁପ୍ରିମକୋର୍ଟ**

ନୂଆଦିଲ୍ଲୀ, ୩।୨

ପ୍ରୟାଗରାଜ କୁମ୍ଭମେଳା ଦଳାଚକଟାରେ ୩୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟଣା ପରେ ତୀର୍ଥଯାତ୍ରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସରକାର ନିର୍ଦ୍ଦିଷ୍ଟ ଗାଇଡ୍‌ଲାଇନ୍ ଆଣିବା ଦାବିରେ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର ହୋଇଥିଲା। ସର୍ବୋଚ୍ଚ ଅଦାଲତ ଏହାର ଶୁଣାଣିକୁ ସୋମବାର ଅଗ୍ରାହ୍ୟ କରିଦେଇଛନ୍ତି। ମହାକୁମ୍ଭରେ ଦଳାଚକଟା ଏକ ଦୁର୍ଭାଗ୍ୟଜନକ ଘଟଣା ବୋଲି ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ କହିଥିବାବେଳେ ଆଲ୍ଲାହାବାଦ ହାଇକୋର୍ଟରେ ଏ ସମ୍ପର୍କିତ ପିଟିଶନ ବିଚାରାଧୀନ ଥିବାରୁ ଆବେଦନକାରୀଙ୍କୁ ଉକ୍ତ ଅଦାଲତଙ୍କ ଦ୍ୱାରସ୍ଥ ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ବିଶାଳ ତିୱାରି ଦାଏର କରିଥିବା ଉକ୍ତ ପିଟିଶନରେ ଦଳାଚକଟା ଭଳି ଘଟଣା ଯେପରି ନ ଘଟେ, ତାହା ସୁନିଶ୍ଚିତ କରିବା ଏବଂ ସମ୍ବିଧାନର ଅନୁଚ୍ଛେଦ ୨୧ ଅନୁଯାୟୀ, ସମାନତା ଓ ଜୀବନ ଧାରଣ ମୌଳିକ ଅଧିକାରର ସୁରକ୍ଷା ପାଇଁ ନିବେଦନ କରାଯାଇଥିଲା। ମହାକୁମ୍ଭ ଶ୍ରଦ୍ଧାଳୁମାନଙ୍କ ପାଇଁ ସୁରକ୍ଷିତ ଓ ନିରାପଦ ପରିବେଶ ସୁନିଶ୍ଚିତ କରିବା ଦିଗରେ କେନ୍ଦ୍ର ଏବଂ ରାଜ୍ୟ ସରକାରଗୁଡ଼ିକ ମିଳିତ ଭାବେ କାର୍ଯ୍ୟ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ନିବେଦନ କରିଥିଲେ। ଆବେଦନ ପୂର୍ବରୁ ହାଇକୋର୍ଟଙ୍କ ବିଚାରାଧୀନ ଥିବାରୁ ସୁପ୍ରିମକୋର୍ଟ ଏହାକୁ ଅନୁଧ୍ୟାନ କରିବା ଉଚିତ ନୁହେଁ ବୋଲି ଖଣ୍ଡପୀଠ କହିଛନ୍ତି।



# 'ମେକ୍ ଇନ୍ ଇଣ୍ଡିଆ' ବିଫଳ ହୋଇଛି: ରାହୁଲ

ନୂଆଦିଲ୍ଲୀ, ୩।୨



ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଉଦ୍‌ବୋଧନ ଦେଉଛନ୍ତି।

- ଟ୍ରମ୍ପଙ୍କ ଶପଥ ଉତ୍ସବରେ ମୋଦିଙ୍କ ପାଇଁ ଆମନ୍ତ୍ରଣ ଯୋଗାଡ଼ କରିବାକୁ ଯାଇଥିଲେ ଜୟଶଙ୍କର
- ରାହୁଲଙ୍କ ମନ୍ତବ୍ୟକୁ ସରକାରଙ୍କ ଖଣ୍ଡନ

ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରାହୁଲ ଗାନ୍ଧୀ ଲୋକ ସଭାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ 'ମେକ୍ ଇନ୍ ଇଣ୍ଡିଆ' ଚିନ୍ତାଧାରାକୁ ପ୍ରଶଂସା କରିଥିବାବେଳେ ସରକାର ଏହି କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛନ୍ତି, ଯେଉଁଥିପାଇଁ ୨୦୧୪ରେ ମୋଟ ଘରୋଇ ଉତ୍ପାଦ (ଜିଡିପି)ରେ ଉତ୍ପାଦନ କ୍ଷେତ୍ରର ଅବଦାନ ୧୫.୩ ପ୍ରତିଶତ ଥିବାବେଳେ ବର୍ତ୍ତମାନ ତାହା ୧୨.୬ ପ୍ରତିଶତକୁ ଖସିଆସିଛି। ଉତ୍ପାଦନ ସେକ୍ଟରରେ ଗତ ୬୦ ବର୍ଷ ମଧ୍ୟରେ ଏହା ସବୁଠୁ କମ୍ ଭାଗ ବୋଲି ରାହୁଲ କହିଥିଲେ। ଏଥିପାଇଁ ଭାରତ ମାଟିରେ ଚାଇନା ସୈନ୍ୟଙ୍କ ଉପସ୍ଥିତିକୁ ସେ ସିଧାସଳଖ ଦାୟୀ କରିଥିଲେ। ତେବେ କଂଗ୍ରେସ ନେତାଙ୍କ ଏଭଳି ମନ୍ତବ୍ୟକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କଡ଼ା ବିରୋଧ କରିଥିଲେ। ରାହୁଲ ମିଥ୍ୟା ଅଭିଯୋଗ ଆଣୁଥିବା ରିଜିଜୁ କହିବା ସହ ଏହାର ପ୍ରମାଣ ଦାବିରେ ସେ ବାଚସ୍ପତି ଓମ୍ ବିର୍ଲାଙ୍କ ସହ କଥା ହେବେ ବୋଲି କହିଥିଲେ।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବା ନିମନ୍ତେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଆମନ୍ତ୍ରଣ ଯୋଗାଡ଼ କରିବାକୁ ପଠାଯାଇଥିଲା ବୋଲି ରାହୁଲ ଅଭିଯୋଗ କରିବାରୁ ସରକାରୀ ଦଳ ଏହାକୁ ଜୋର୍‌ଦାର ବିରୋଧ କରିଥିଲେ। ବିରୋଧୀ ଦଳ ନେତାଙ୍କ ମନ୍ତବ୍ୟକୁ ଖଣ୍ଡନ କରି ଜୟଶଙ୍କର କହିଛନ୍ତି, ଜୋ ବାଇଡେନ୍ ପ୍ରଶାସନର ପରରାଷ୍ଟ୍ର ସଚିବ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ)ଙ୍କୁ ଭେଟିବା ପାଇଁ ଗତ ଡିସେମ୍ବରରେ ସେ ଆମେରିକା ଯାଇଥିଲେ। ରାହୁଲ ଜାଣିଶୁଣି ମିଛ ବିବୃତି ଦେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଲାଗି ନିମନ୍ତ୍ରଣ ପାଇଁ ବହିର୍ବ୍ୟାପାର ମନ୍ତ୍ରୀ ଆମେରିକା ଯାଆନ୍ତି ନାହିଁ। ଏଭଳି ବ୍ୟବସ୍ଥା ଚାଲୁଥିଲେ, ପ୍ରଧାନମନ୍ତ୍ରୀଙ୍କୁ ଆମନ୍ତ୍ରଣ କରିବାକୁ ଆମେରିକା ରାଷ୍ଟ୍ରପତିଙ୍କୁ ଆସିବାକୁ ପଡୁଥାନ୍ତା ବୋଲି ଜୟଶଙ୍କର କହିଛନ୍ତି। ରାହୁଲ ଏଭଳି ମିଥ୍ୟା ଅଭିଯୋଗ ଆଣି ଭାରତର ବୈଶ୍ୱିକ ଛବିକୁ କ୍ଷତି ପହଞ୍ଚାଉଥିବା ଜୟଶଙ୍କର ଅଭିଯୋଗ କରିଛନ୍ତି।

ସେହିପରି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ)ରେ ଭାରତ ଅନ୍ୟ ଦେଶ ତୁଳନାରେ ବହୁ ପଛରେ ପଡ଼ିଥିବା ରାହୁଲ କହିଛନ୍ତି। ବିନା ଡେଟାରେ ଏଆଇର କୌଣସି ଅର୍ଥ ନାହିଁ। ଏଆଇ ସିଷ୍ଟମ୍‌କୁ ପରିପୁଷ୍ଟ କରିବା ନିମନ୍ତେ ଭାରତ ପାଖରେ ଡେଟା ନ ଥିବା କଂଗ୍ରେସ ନେତା କହିଛନ୍ତି।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣକୁ ରାହୁଲ ସମାଲୋଚନା କରିବା ସହ ଏହାକୁ ବାରମ୍ବାର ଦୋହରାଯାଉଥିବା ଏକ ଲମ୍ବା ତାଲିକା ବୋଲି କହିଥିଲେ। ରାଷ୍ଟ୍ରପତି ତାଙ୍କ ଭାଷଣରେ କେନ୍ଦ୍ର ସରକାରଙ୍କ ଶାସନର ଟ୍ରାକ୍ ରେକର୍ଡକୁ ଦୋହରାଇବା ସହ ଆଗକୁ ସରକାର ଗ୍ରହଣ କରିବାକୁ ଯାଉଥିବା ଅର୍ଥନୈତିକ ଦିଶା ନିର୍ଦ୍ଦେଶ ସମ୍ପର୍କରେ କହିଥିଲେ। ଏହା ପରେ ପରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ରାଷ୍ଟ୍ରପତିଙ୍କ ଅବସ୍ଥାକୁ ଲକ୍ଷ୍ୟ କରି କହିଥିଲେ, ବିଚାରି ମହିଳା, ଅଭିଭାଷଣର ଶେଷଆଡ଼କୁ ଅତ୍ୟନ୍ତ ଥକିଗଲା ଭଳି ଜଣାପଡୁଛନ୍ତି। ସୋନିଆଙ୍କ ଏହି ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ସୋନିଆ କେବଳ ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦାକୁ ଅସମ୍ମାନ କରିନାହାନ୍ତି, ବରଂ ଦେଶର ସମଗ୍ର ଆଦିବାସୀ ସମ୍ପ୍ରଦାୟକୁ ଅପମାନିତ କରିଛନ୍ତି ବୋଲି ଭାଜପା ସମାଲୋଚନା କରିବା ସହ ତାଙ୍କଠାରୁ କ୍ଷମା ଦାବି କରିଥିଲା।

### ସୋନିଆଙ୍କ ବିରୋଧରେ ସ୍ୱାଧିକାର ଭଙ୍ଗ ନୋଟିସ୍

ନୂଆଦିଲ୍ଲୀ, ୩।୨

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗତ ୩୧ ତାରିଖରେ ପାର୍ଲାମେଣ୍ଟର ମିଳିତ ଅଧିବେଶନରେ ଅଭିଭାଷଣ ରଖିବା ପରେ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ତାଙ୍କ ସମ୍ପର୍କରେ ଦେଇଥିବା ମନ୍ତବ୍ୟକୁ ନେଇ ବିବାଦ ମୁଣ୍ଡ ଟେକିଛି। ରାଷ୍ଟ୍ରପତିଙ୍କ ପ୍ରତି ସୋନିଆଙ୍କ ଅପମାନଜନକ ମନ୍ତବ୍ୟକୁ ବିରୋଧ କରି ଭାଜପାର କେତେଜଣ ଏମ୍‌ପି ସୋମବାର ତାଙ୍କ ବିରୋଧରେ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କରଙ୍କୁ ସ୍ୱାଧିକାର ଭଙ୍ଗ ନୋଟିସ୍ ଦେଇଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ଫଗନ ସିଂ କୁଲସ୍ତେଙ୍କ ନେତୃତ୍ୱରେ ଆଦିବାସୀ ସମ୍ପ୍ରଦାୟର ଭାଜପା ଏମ୍‌ପିମାନେ ଉଭୟ ସୋନିଆ ଏବଂ ବିହାର ଏମ୍‌ପି ପପ୍ପୁ ଯାଦବଙ୍କ ମନ୍ତବ୍ୟ ପାଇଁ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ସଭା ଅଧ୍ୟକ୍ଷ ଏବଂ ଲୋକ ସଭା ବାଚସ୍ପତିଙ୍କୁ ନିବେଦନ କରିଛନ୍ତି। ସୋନିଆ ଓ ପପ୍ପୁଙ୍କ ମନ୍ତବ୍ୟ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟର ମର୍ଯ୍ୟାଦା ହାନି କରିଥିବା ସେମାନେ ଅଭିଯୋଗ କରିଛନ୍ତି।

## ଇସ୍ରୋର ଏନ୍‌ଭିଏସ୍-୦୨ ସାଟେଲାଇଟ୍‌ରେ ଯାନ୍ତ୍ରିକ ତ୍ରୁଟି

ନୂଆଦିଲ୍ଲୀ, ୩।୨

ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ୧୦୦ତମ ଉତ୍‌କ୍ଷେପଣରେ ମହାକାଶକୁ ପଠାଯାଇଥିବା ଏନ୍‌ଭିଏସ୍-୦୨ ସାଟେଲାଇଟ୍‌ରେ ରବିବାର ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ଶ୍ରୀହରିକୋଟାସ୍ଥିତ ଲଞ୍ଚ ପ୍ୟାଡ୍‌ରୁ ଜାନୁଆରୀ ୨୯ରେ ଜିଏସ୍‌ଏଲ୍‌ଭି-ଏଫ୍‌୧୫ ରକେଟ ଜରିଆରେ ଏନ୍‌ଭିଏସ୍-୦୨ ସାଟେଲାଇଟ୍ ଲଞ୍ଚ କରାଯାଇଥିଲା। ଏହା ଉପରେ ଇସ୍ରୋ ନିଜ ୱେବ୍‌ସାଇଟ୍‌ରେ ସୂଚନା ଦେଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ସାଟେଲାଇଟ୍‌କୁ ଯେଉଁ ଅର୍ବିଟ ସ୍ଲଟ୍‌ରେ ଅବସ୍ଥାପିତ କରିବା ପାଇଁ ଯୋଜନା ହୋଇଥିଲା, ତାହା ସମ୍ଭବ ହୋଇପାରି ନାହିଁ। କାରଣ ଥ୍ରଷ୍ଟର୍ସକୁ ଫାୟାର କରିବା ପାଇଁ ଅକ୍ସିଡାଇଜରକୁ ଏଣ୍ଟ୍ରି କରାଉଥିବା ଭାଲ୍‌ଭ ଖୋଲି ନ ଥିଲା। ବର୍ତ୍ତମାନ ସାଟେଲାଇଟ୍ ସିଷ୍ଟମ୍ ଠିକ୍ ଅଛି। ଏହା ଏଲିପ୍ଟିକାଲ ଜିଓସିନ୍‌କ୍ରୋନସ୍ ଟ୍ରାନ୍ସଫର ଅର୍ବିଟ (ଜିଟିଓ)ରେ ରହିଛି। ଉପଗ୍ରହକୁ ଏକ ଅଣ୍ଡାକୃତି କକ୍ଷରେ ନାଭିଗେଶନ ପାଇଁ ବିକଳ୍ପ ମିଶନ ରଣନୀତି ବ୍ୟବହାର କରାଯାଉଥିବା ଇସ୍ରୋ କହିଛି।

## ସିରିଆରେ ବିସ୍ଫୋରଣ, ୧୯ ମୃତ

ଡାମାସ୍କସ୍, ୩।୨

**ମନ୍‌ବିଜ୍ ସହରରେ ମାସକ ମଧ୍ୟରେ ୭ମ କାର୍‌ବୋମା**

ଉତ୍ତର ସିରିଆର ମନ୍‌ବିଜ୍ ସହର ଉପକଣ୍ଠ ଅଞ୍ଚଳରେ ସୋମବାର ବୋମା ବିସ୍ଫୋରଣ ଘଟି ୧୯ ଜଣଙ୍କର ମୃତ୍ୟୁ ହୋଇଯାଇଛି। କିଛି ସ୍ଥାନୀୟ କୃଷି ଶ୍ରମିକଙ୍କୁ ନେଇ ଏକ ଟ୍ରକ୍ ଯାଉଥିବାବେଳେ ନିକଟରେ ଥିବା ଏକ କାର୍‌ରେ ବୋମା ବିସ୍ଫୋରଣ ଘଟିଥିବା ସ୍ଥାନୀୟ ଅଧିକାରୀ ସୂଚନା ଦେଇଛନ୍ତି। ମୃତକଙ୍କ ମଧ୍ୟରେ ୧୮ ଜଣ ମହିଳା ଓ ଜଣେ ପୁରୁଷ ରହିଛନ୍ତି। ସେହିପରି ଅନ୍ୟ ୧୫ ଜଣ ମହିଳା ଆହତ ହୋଇଛନ୍ତି। ସେମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତ ମହିଳାଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ଗୁରୁତର ଥିବା ନେଇ ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେବେ ମନ୍‌ବିଜ୍ ସହରରେ ଗତ ମାସକ ମଧ୍ୟରେ ଏହା ସପ୍ତମ କାର୍ ବୋମା ବିସ୍ଫୋରଣ ବୋଲି ସ୍ଥାନୀୟ ନାଗରିକ ସୁରକ୍ଷା ଉପନିର୍ଦ୍ଦେଶକ ମୁନୀର ମୁସ୍ତଫା କହିଛନ୍ତି।



ଉତ୍ତର ସିରିଆସ୍ଥିତ ମନ୍‌ବିଜ୍ ସହରର ବୋମା ବିସ୍ଫୋରଣ ସ୍ଥଳକୁ ସିରିୟ ହ୍ୱାଇଟ ହେଲ୍‌ମେଟ୍ ନାଗରିକ ସୁରକ୍ଷା କର୍ମୀମାନେ ନିରୀକ୍ଷଣ କରୁଛନ୍ତି।

## ଫୁରସତ୍

### ୧୮୩ ଫୁଟ ଦୂରରୁ କୁରାଢ଼ି ଫିଙ୍ଗି ଗିନିଜ୍ ୱାର୍ଲ୍ଡ ରେକର୍ଡ

ଆଙ୍କାରା

ତୁର୍କୀର ରାଜଧାନୀ ଆଙ୍କାରାରେ କାର୍ଯ୍ୟରତ ଜଣେ ଘରୋଇ ସୁରକ୍ଷା କର୍ମୀ ଓସ୍‌ମାନ ଗୁରଚୁ(୪୩) ରବିବାର ଏକ ବିଶ୍ୱ ରେକର୍ଡ କରି ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ (ଜିଡବ୍ଲ୍ୟୁଆର୍)ରେ ନିଜ ନାମକୁ ସ୍ଥାନିତ କରିଛନ୍ତି। ସେ ୧୮୩ ଫୁଟ ୮.୭୨ ଇଞ୍ଚ ଦୂରରୁ କୁରାଢ଼ିକୁ ଠିକ୍ ଭାବେ ଲକ୍ଷ୍ୟର ସହ ଫିଙ୍ଗି ଟାର୍ଗେଟରେ ପକାଇଥିଲେ। 'ଲଙ୍ଗେଷ୍ଟ ଆକ୍ସ ଥ୍ରୋ' ଶ୍ରେଣୀରେ ଓସ୍‌ମାନ ଜିଡବ୍ଲ୍ୟୁଆର୍ ରେକର୍ଡକୁ ହାତେଇଛନ୍ତି। ଏହି ଦୂରତା କୌଣସି ମଧ୍ୟ ଅଲିମ୍ପିକ୍ ସୁଇମିଂ ପୁଲ୍ (୧୬୪ ଫୁଟ) ଠାରୁ ମଧ୍ୟ ଅଧିକ ହେବ। ପୂର୍ବରୁ ଏହି ରେକର୍ଡ ଆମେରିକୀୟ ଜେସି ରୁଡ୍‌ଙ୍କ ନାମରେ ରହିଥିଲା। ସେ ୧୪୩ ଫୁଟ ଦୂରରୁ କୁରାଢ଼ିକୁ ଫିଙ୍ଗି ଟାର୍ଗେଟରେ ପକାଇଥିଲେ। ଏବେ ଓସ୍‌ମାନ ଏହି ରେକର୍ଡକୁ ଭାଙ୍ଗି ଇତିହାସ ରଚିଛନ୍ତି।

ଓସ୍‌ମାନ ୧୮୩ ଫୁଟ ଦୂରରୁ କୁରାଢ଼ି ଫିଙ୍ଗିବା ସହ ନିଜ ଜୀବନର ଅଷ୍ଟମ ଜିଡବ୍ଲ୍ୟୁଆର୍ ହାସଲ କରିଛନ୍ତି। ଏହି ଅବସରରେ ଓସ୍‌ମାନ କହିଛନ୍ତି, ସେ ସର୍ବଦା ଜିଡବ୍ଲ୍ୟୁଆର୍ ୱେବ୍‌ସାଇଟ୍ ଏବଂ ଏହାର ସୋସିଆଲ ମିଡିଆ ପେଜ୍ ଉପରେ ନିରନ୍ତର ନଜର ରଖିଥାନ୍ତି। ଏହା ତାଙ୍କୁ ବିଭିନ୍ନ ନୂତନ ଚ୍ୟାଲେଞ୍ଜକୁ ଗ୍ରହଣ କରି ରେକର୍ଡ ସୃଷ୍ଟି କରିବାରେ ସହାୟକ ହୋଇଥାଏ। ତେବେ ଏହି ରେକର୍ଡ ସୃଷ୍ଟି କରିବା ତାଙ୍କ ପାଇଁ ଏକ ଅବିଶ୍ୱସନୀୟ ଅନୁଭବ ଥିଲା ବୋଲି ଓସ୍‌ମାନ କହିଛନ୍ତି। କୁରାଢ଼ିକୁ ଏତେ ଦୂରରୁ ଫିଙ୍ଗି ଏହାକୁ ଟାର୍ଗେଟରେ ପକାଇବା ସହଜ ନ ଥିଲା। ଏଥିପାଇଁ ତାଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଥିଲା। ଏଥିପାଇଁ ସେ ଅନେକଥର ପ୍ରୟାସ କରି ବିଫଳ ହୋଇଥିଲେ। କିନ୍ତୁ ସେ ହାର ନ ମାନି ଶେଷରେ ସଫଳତା ପାଇଛନ୍ତି ବୋଲି ଓସ୍‌ମାନ କହିଛନ୍ତି।

ସେ ଆଗାମୀ ଦିନରେ ବାସ୍କେଟବଲ, ଶୁଟିଂ ଆଦି କ୍ରୀଡ଼ା ସହ ଜଡିତ ଆହୁରି ଅନେକ ରେକର୍ଡ ଭାଙ୍ଗିବାକୁ ପ୍ରସ୍ତୁତ ହେଉଛନ୍ତି। ଓସ୍‌ମାନ କହିଛନ୍ତି, ଜିଡବ୍ଲ୍ୟୁଆର୍‌ରେ ସ୍ଥାନ ପାଇବା ତାଙ୍କ ପାଇଁ ଅତ୍ୟନ୍ତ ଗର୍ବର ବିଷୟ। ପ୍ରତିବର୍ଷ ଜିଡବ୍ଲ୍ୟୁଆର୍‌ରେ ନିଜ ନାମ ସ୍ଥାନିତ କରିବା ତାଙ୍କର ଲକ୍ଷ୍ୟ। ସେ ଆଗକୁ ଆହୁରି ଅନେକ ଆକର୍ଷଣୀୟ ରେକର୍ଡ ଭାଙ୍ଗିବାକୁ ଚେଷ୍ଟା କରିବେ। ଏହା କେବଳ ଆରମ୍ଭ ମାତ୍ର ବୋଲି ଓସ୍‌ମାନ କହିଛନ୍ତି।



### 'କନ୍ନାପା'ରେ ପ୍ରଭାସଙ୍କ ରୁଦ୍ର ଅବତାର

ହାଇଦ୍ରାବାଦ

'କଲ୍‌କୀ ୨୮୯୮ ଏଡି'ର ସଫଳତା ପରେ ଅଭିନେତା ପ୍ରଭାସ ପୁଣିଥରେ ତାଙ୍କ ପ୍ରଶଂସକଙ୍କ ହୃଦୟ ଜିତିବାକୁ ପ୍ରସ୍ତୁତ ଅଛନ୍ତି। ତାଙ୍କୁ ଖୁବ୍‌ଶୀଘ୍ର 'କନ୍ନାପ୍ପା' ଫିଲ୍ମରେ ଦେଖିବାକୁ ମିଳିବ। ସୋମବାର ଏହି ଚଳଚ୍ଚିତ୍ରରେ ପ୍ରଭାସଙ୍କ ଲୁକ୍ ଉପରୁ ପରଦା ଉଠିଛି। ଏହି ଲୁକ୍‌ରେ ପ୍ରଭାସ ରୁଦ୍ରଙ୍କ ଅବତାରରେ ନଜରକୁ ଆସିଛନ୍ତି, ଯାହା ତାଙ୍କ ପ୍ରଶଂସକଙ୍କୁ ପ୍ରଭାବିତ କରିଛି।

ପ୍ରଭାସ ଇନ୍‌ଷ୍ଟାଗ୍ରାମରେ ତାଙ୍କର ଏହି ନୂତନ ଲୁକ୍‌ର ପୋଷ୍ଟର ଶେୟାର କରିଛନ୍ତି। ସେ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, 'କନ୍ନାପା' ଚଳଚ୍ଚିତ୍ର ଭକ୍ତି, ବଳିଦାନ, ଜ୍ଞାନ ଏବଂ ପ୍ରେମର ଏକ ଅବିସ୍ମରଣୀୟ ଯାତ୍ରାକୁ ନେଇ ରହିଛି। ଏହା ଦର୍ଶକଙ୍କୁ ନିଶ୍ଚିତ ଭାବରେ ପସନ୍ଦ ଆସିବ। ଆସନ୍ତା ଏପ୍ରିଲ ୨୫ରେ ଏହି ଫିଲ୍ମ ମୁକ୍ତିଲାଭ କରିବାକୁ ଯାଉଛି। ଏହି ନୂଆ ଲୁକ୍‌ରେ ପ୍ରଭାସଙ୍କର ଲମ୍ବା କେଶ ଥିବାବେଳେ ସେ ତାଙ୍କ କପାଳରେ ତ୍ରିପୁଣ୍ଡ୍ର ଏବଂ ବେକରେ ରୁଦ୍ରାକ୍ଷ ମାଳା ପିନ୍ଧିଥିବାର ନଜରକୁ ଆସିଛନ୍ତି। କିଛିଦିନ ତଳେ 'କନ୍ନାପ୍ପା' ଫିଲ୍ମର ନିର୍ମାତାଙ୍କ ପକ୍ଷରୁ ଅଭିନେତା ଅକ୍ଷୟ କୁମାରଙ୍କର ଲୁକ୍‌କୁ ଶେୟାର କରିଥିଲେ, ଯାହାକୁ ଅକ୍ଷୟଙ୍କ ପ୍ରଶଂସକଙ୍କର ବେଶ୍ ପସନ୍ଦ ହୋଇଥିଲା। ରିପୋର୍ଟ ଅନୁଯାୟୀ, ଅକ୍ଷୟ ଏବଂ ପ୍ରଭାସଙ୍କ ସହ ଏହି ଫିଲ୍ମରେ ଅଭିନେତ୍ରୀ କାଜଲ ଅଗ୍ରୱାଲ ଓ ଅଭିନେତା ବିଷ୍ଣୁ ମଞ୍ଚୁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜରକୁ ଆସିବେ। ଫିଲ୍ମରେ କାଜଲଙ୍କ ଲୁକ୍‌କୁ ନେଇ ତାଙ୍କ ପ୍ରଶଂସକମାନେ ଅପେକ୍ଷା କରି ରହିଛନ୍ତି।



# ଦ୍ରୁତ ଶିଳ୍ପାୟନ, ଖଣି ଖନନ ପାଇଁ ଆର୍ଦ୍ରଭୂମି ସଙ୍କୁଚିତ ହେଉଛି

ଅନୁଗୋଳ, ୩।୨ (ମାନସ ବିଶ୍ୱାଳ)

ଅନୁଗୋଳରେ ଓଡ଼ିଶା କୃଷକ ସମନ୍ୱୟ ସମିତି ଓ ଜୀବଜନ୍ତୁ କଲ୍ୟାଣ ପ୍ରତିଷ୍ଠାନ 'ନ୍ୟାସ' ତରଫରୁ ଅଧ୍ୟକ୍ଷ ରବୀନ୍ଦ୍ର ନାଥ ପ୍ରଧାନଙ୍କ ଅଧ୍ୟକ୍ଷତାରେ ସୋମବାର ବିଶ୍ୱ ଆର୍ଦ୍ରଭୂମି ଦିବସ ପାଳିତ ହୋଇଛି। ଏହି ଅବସରରେ ବିଶ୍ୱ ଆର୍ଦ୍ରଭୂମି ଦିବସ ଉପରେ ଏକ ସଚେତନତା ଶୋଭାଯାତ୍ରା ଓ ଆଲୋଚନାସଭା ଅନୁଷ୍ଠିତ ହୋଇଥିଲା। ୧୯୯୭ ଫେବୃୟାରୀ ୨ ତାରିଖରେ ବିଶ୍ୱ ଆର୍ଦ୍ରଭୂମି ଦିବସ ରୂପେ ପାଳିତ ହୋଇଆସୁଛି। ଏହି ବର୍ଷ ମିଳିତ ଜାତିସଂଘ ନିଷ୍ପତ୍ତି କ୍ରମେ ଆମର ସାଧାରଣ ଭବିଷ୍ୟତ ପାଇଁ ଆର୍ଦ୍ରଭୂମିଗୁଡ଼ିକର ସୁରକ୍ଷା ଉପରେ ଜନସାଧାରଣଙ୍କୁ ସଚେତନତା



କରାଇବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସମ୍ପ୍ରତି ମିଳିତ ଜାତିସଂଘ ଆନୁକୂଲ୍ୟରେ ୨୦୨୧ରୁ ୨୦୩୦ ଦଶନ୍ଧିକୁ ପରିସଂସ୍ଥା ପୁନରୁଦ୍ଧାର ଦଶନ୍ଧି ରୂପେ ପାଳିତ ହେଉଥିବା ପରିପ୍ରେକ୍ଷୀରେ ଆର୍ଦ୍ରଭୂମିମାନଙ୍କର ପୁନରୁଦ୍ଧାର କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଇବା ଏକାନ୍ତ ଆବଶ୍ୟକ । ବିନା ଜଳରେ ଆର୍ଦ୍ରଭୂମିର ସ୍ଥିତି କଳ୍ପନା କରାଯାଇ ପାରିବ ନାହିଁ ଓ ଆର୍ଦ୍ରଭୂମିକୁ ସୁରକ୍ଷିତ ରଖିବା ପାଇଁ ଚିରସ୍ରୋତା ଜଳ ଉତ୍ସର ଏକାନ୍ତ ଆବଶ୍ୟକତା ରହିଛି। ଆର୍ଦ୍ରଭୂମି ମୁଖ୍ୟତଃ ବିଲୁପ୍ତ ପ୍ରାୟ ପକ୍ଷୀ, ମାଛ, କଙ୍କଡ଼ା ଓ ଉଦ୍ଭିଦମାନଙ୍କର ଆବାସସ୍ଥଳୀ । ଭୂତଳ ଜଳ ବୃଦ୍ଧି କରିବା ଓ ସାମୁଦ୍ରିକ ଝଡ଼କୁ ହ୍ରାସ କରିବାରେ ଆର୍ଦ୍ରଭୂମିର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ଆର୍ଦ୍ରଭୂମିକୁ ୫ଭାଗରେ ବିଭକ୍ତ କରାଯାଇଛି। ଯଥା–ସାମୁଦ୍ରିକ, ସାମୁଦ୍ରିକ ମୁହାଣ ଅଞ୍ଚଳ, ହ୍ରଦାଞ୍ଚଳ, ନଦୀକୂଳ ଅଞ୍ଚଳ, ସରସରିଆ ଅଞ୍ଚଳ। ଆର୍ଦ୍ରଭୂମି ଆମର ଜୈବବିବିଧତାକୁ ଧରି ରଖିଥାଏ। ପରିତାପର ବିଷୟ ଯେ, ଦ୍ରୁତ ଶିଳ୍ପାୟନ ଓ ଖଣିଖାଦାନ ଖନନ ପାଇଁ ଆର୍ଦ୍ରଭୂମି ସଂକୁଚିତ ହେବାକୁ ଯାଉଛି । ଫଳରେ ଆର୍ଦ୍ରଭୂମିରୁ ଉତ୍ପାଦିତ ହେଉଥିବା ଖାଦ୍ୟ ଯଥା–ଧାନ, ମାଛ, ଅନ୍ୟାନ୍ୟ ଜଳଜୀବ କଇଁଛ, କଙ୍କଡାର ଉତ୍ପାଦନ ଆଶାତୀତ ଭାବେ ହ୍ରାସ ପାଉଛି । ଏଣୁ ଆର୍ଦ୍ରଭୂମିର ସୁରକ୍ଷା ପାଇଁ ଜନସାଧାରଣଙ୍କୁ ସଚେତନ କରାଯିବାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ।

# ସିଡିପିଓଙ୍କୁ ଦାବିପତ୍ର ଦେଲେ ଜୀବିକା ମିଶନ ମହିଳା ଗୋଷ୍ଠୀ

କାମାକ୍ଷାନଗର, ୩।୨ (ସୁଧୀର କୁମାର ପରିଡ଼ା)

ରାଜ୍ୟ ସରକାରଙ୍କ ମିଶନଶକ୍ତି ବିଭାଗ ଗଠନ ନିଷ୍ପତ୍ତିକୁ ବିରୋଧ କରିଛନ୍ତି କାମାକ୍ଷାନଗର ବ୍ଲକ ଓଡିଶା ଜୀବିକା ମିଶନ ମହିଳା ଗୋଷ୍ଠୀ। ପୁର୍ନଗଠନ ବନ୍ଦ କରିବାକୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ କାମାକ୍ଷାନଗର ସିଡିପିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। କାମାକ୍ଷାନଗର ବ୍ଲକ ଅଧୀନରେ ଥିବା ୨୨ଟି ପଞ୍ଚାୟତରେ ୩୫୮ ଜଣ ମହିଳା ଜୀବିକା ମିଶନ ମାଧମରେ ଦୀର୍ଘ ବର୍ଷ ହେବ କାର୍ଯ୍ୟ କରିଆସୁଛନ୍ତି । ଏହି ଜୀବିକା ମିଶନରେ କାର୍ଯ୍ୟ କରୁଥିବା ଜିପିଏଲ୍ଏଫ୍ ଓ ବିଏଲ୍ଏଫସ୍ତରରେ ଇସିମାନଙ୍କୁ ବନ୍ଦ କରିବା ପାଇଁ ସରକାର ନୋଟିସ ଜାରି କରିଛନ୍ତି । ଫଳରେ ବ୍ଲକର ବିଭିନ୍ନ



ପଞ୍ଚାୟତରେ ଜୀବିକା ମିଶନ ମାଧ୍ୟମରେ ଇସି ଭାବେ କାର୍ଯ୍ୟ କରୁଥିବା ମହିଳାମାନେ ନିଜ ଚାକିରିକୁ ନେଇ ସନ୍ଦେହ ଘେରରେ ଥିବାବେଳେ ମାନସିକ ଭାବେ ଯନ୍ତ୍ରଣା ପାଉଛନ୍ତି, ଯାହାକୁ ନେଇ ସୋମବାର ବ୍ଲକର ଜୀବିକା ମିଶନ ଇସି ସଙ୍ଘ ତରଫରୁ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରାଯିବା ସହ ଦାବିପତ୍ର ପ୍ରଦାନ କରାଯାଇଛି । ତୁରନ୍ତ ସରକାର ଏହି ନିଷ୍ପତ୍ତିକୁ ବନ୍ଦ କରିବା ପାଇଁ ମହିଳାମାନେ ଦାବି କରିଛନ୍ତି।

# ମୃତ୍ୟୁର ୪ ବର୍ଷ ପରେ ବି ମିଳୁନି ହରିଶ୍ଚନ୍ଦ୍ର ସହାୟତା



ପରଜଙ୍ଗ, ୩।୨ (ନିଗମାନନ୍ଦ ଦଳବେହେରା)

ରାଜ୍ୟ ସରକାରଙ୍କ ହରିଶ୍ଚନ୍ଦ୍ର ଯୋଜନାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହେଲେ ତାଙ୍କର ସତ୍କାର ପାଇ ସଙ୍ଗେ ସଙ୍ଗେ ସହାୟତା ରାଶି ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। କିନ୍ତୁ ଢ଼େଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ଏହି ଯୋଜନା ବାଟବଣା ହୋଇଛି। ପରଜଙ୍ଗ ବ୍ଲକ ରେଣ୍ଟପାଟ ପଞ୍ଚାୟତରେ ଦୀର୍ଘ ୪ ବର୍ଷ ପୂର୍ବରୁ ଜନୈକ ଦମ୍ପତିଙ୍କ ମୃତ୍ୟୁ ଘଟିଥିଲେ ମଧ ତାଙ୍କର ହରିଶ୍ଚନ୍ଦ୍ର ଯୋଜନାର ସହାୟତା ରାଶି ଆଜି ପର୍ଯ୍ୟନ୍ତ ପ୍ରଦାନ କରାଯାଇନଥିବା ଅଭିଯୋଗ ହୋଇଛି। ରେଣ୍ଟାପାଟ ପଞ୍ଚାୟତ ଅଧିନସ୍ଥ ପାଣିଭଣ୍ଡାର ଗ୍ରାମର ବିଷ୍ଣୁଦତ୍ତ ବେହେରାଙ୍କ ବାପା ୩୦।୬।୨୩ ଓ ମା' ବୈଦେହୀ ଦେହୁରୀ ୨୮।୫।୨୦ରୁ ମୃତ୍ୟୁବରଣ କଲେଣି। ତାଙ୍କ ପରିବାରକୁ ଆଜି ପର୍ଯ୍ୟନ୍ତ ହରିଶ୍ଚନ୍ଦ୍ର ସହାୟତା ମିଳିପାରି ନାହିଁ। ବିଷ୍ଣୁଦତ୍ତ ଅଭିଯୋଗ କରିଛନ୍ତି ଯେ, ସରପଞ୍ଚଙ୍କୁ ଏନେଇ ବାରମ୍ବାର ଗୁହାରି କରୁଥିଲେ ମଧ ଅନଲାଇନରେ ଆବେଦନ ହୋଇଛି, ସହାୟତା ରାଶି ତମ ବ୍ୟାଙ୍କ ଖାତାକୁ ଯିବ ବୋଲି କହିଆସୁଛନ୍ତି। ଏ ନେଇ ବିଷ୍ଣୁଦତ୍ତ ଗତ ୧୮ ତାରିଖରେ ମଧ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭଗବାନ ହେମ୍ବ୍ରମ କହିଛନ୍ତି, ଅଭିଯୋଗ ଆସିଛି, ଏ ନେଇ ସରପଞ୍ଚଙ୍କୁ ଅବଗତ କରିଛି।

# ତ୍ରିନାଥ ଦେବଙ୍କ ଅଷ୍ଟମ ବାର୍ଷିକ ଉତ୍ସବ ପାଳିତ



ତ୍ରିନାଥ ଦେବଙ୍କ ଅଷ୍ଟମ ବାର୍ଷିକ ଉତ୍ସବରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମେତ ଅତିଥିମାନେ।

ଢେଙ୍କାନାଳ, ୩।୨ (ରତନ ନାୟାର)

ଢେଙ୍କାନାଳ ଗଣେଶବଜାର ରଥଗଡ଼ାସ୍ଥିତ ଦୈନିକ ପରିବା ଓ ଫଳ ବଜାରର ବ୍ୟବସାୟୀମାନଙ୍କ ଉଦ୍ୟମରେ ତ୍ରିନାଥ ଦେବଙ୍କ ଅଷ୍ଟମ ବାର୍ଷିକ ଉତ୍ସବ ରବିବାର ପାଳିତ ହୋଇଯାଇଛି । ଏହି ଉତ୍ସବରେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପୌରାଧକ୍ଷା ଜୟନ୍ତୀ ପାତ୍ର ଓ ସମାଜସେବୀ ରାମଚନ୍ଦ୍ର ପାତ୍ର ଯୋଗଦାନ କରି ତ୍ରିନାଥ ଦେବଙ୍କୁ ପୁଷ୍ପାଞ୍ଜଳି ପ୍ରଦାନ କରିବା ସହିତ ବିଭୁକୃପା ଲାଭ କରିଥିଲେ। ତ୍ରିନାଥ ଦେବଙ୍କ ମଙ୍ଗଳ ଆଳତି, ଷୋଡଶ ପୂଜା ଓ ଯଜ୍ଞ ଅନୁଷ୍ଠିତ ହୋଇଥିଲା । କର୍ତ୍ତା ଭାବେ ରାଧାକାନ୍ତ ବେହେରା, ସଭାପତି ବିମଳ କୁମାର ସାହୁ, ସଂପାଦକ ସୁରେଶ କୁମାର ସାହୁ ଓ ଜଟନ ବିଶ୍ୱାଳ, ଅଭୟ କୁମାର ସାହୁ, ବ୍ରଜବନ୍ଧୁ ସାହୁ, କେଦାରଶନ ନାୟକ, ବିଷ୍ଣୁ ଚରଣ ସାହୁ, ରଞ୍ଜନ କୁମାର ବେହେରା, ଅଲେଖ ନାୟକ, ପ୍ରମୋଦ ସାହୁ, ରମେଶ ଭୋଳ, ଦୁଃଶାସନ ଚାନ୍ଦ ପ୍ରମୁଖଙ୍କ ସମେତ ପରିବା ଓ ଫଳ ବ୍ୟବସାୟୀ ସଂଘର ସଦସ୍ୟମାନେ ଯୋଗଦାନ କରିଥିଲେ। ଏହି ଅବସରରେ ଜୟଗୋପାଳସାହି ମହିଳା ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ନାମ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ବାଙ୍କିର ଗାୟକ ନରେନ୍ଦ୍ର ସାମଲ ଓ ବଡମ୍ବାର ଗାୟକ ମାୟାଧର ଶତପଥୀ ବାଦିପାଲା ପରିବେଷଣ କରିଥିଲେ । ଶେଷରେ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନ କରିଥିଲେ ।

# ଶ୍ରୀଚୈତନ୍ୟ ନାମ ପ୍ରଚାର ପରିଷଦର ବାର୍ଷିକୋତ୍ସବ




ଢେଙ୍କାନାଳ, ୩।୨ (ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ୍ ବେଲଟିକିରି ପଞ୍ଚାୟତର ଜଙ୍ଗିରାସ୍ଥିତ ଶ୍ରୀଚୈତନ୍ୟ ମନ୍ଦିର ପରିସରରେ ଶ୍ରୀଚୈତନ୍ୟ ନାମ ପ୍ରଚାର ପରିଷଦ ବାର୍ଷିକୋତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ସ୍ୱତନ୍ତ୍ର ନାମ ସଂକୀର୍ତ୍ତନ ଓ ଯଜ୍ଞାନୁଷ୍ଠାନ ସହ ଅନ୍ନଯଜ୍ଞର ବ୍ୟବସ୍ଥା କରାଯାଇଥିଲା । ଜଙ୍ଗିରା ଗ୍ରାମ ଗୋଡି ପୋଖରୀରୁ ମହିଳାମାନେ କଳସ ଶୋଭାଯାତ୍ରାରେ ଜଙ୍ଗିରା ମଠସ୍ଥିତ ଶ୍ରୀ ଚୈତନ୍ୟ ମନ୍ଦିରକୁ ଆସିଥିଲେ । ପୂର୍ବାହ୍ନ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଆୟୋଜିତ ନାମ ସଂକୀର୍ତ୍ତନରେ ନିକଟବର୍ତ୍ତୀ ଗ୍ରାମ ଜଙ୍ଗିରା, ଦାମୋଦରନାଳୀ, ବେଲଟିକିରି, ରମ୍ପା, ନାଗିଆପଶି, କିଆଝର, ଯୋରନ୍ଦା, ଗଁଦିଆ, ପାମାଳ, ଖୁଣ୍ଟୁଣୀର ମହାଲକ୍ଷ୍ମୀପୁର, ବେଶାଳିଆ–ହରିପୁର, କାଇମାଟି, ଆଛନ୍ଦ, ଆମ୍ବନାଳୀ, ସୋଗରପଶି, ଦେଓଗାଁ, ଦୁର୍ଗା ପ୍ରସାଦ, ଛାଟିଆ, ସୁବର୍ଣ୍ଣପୁର, ଆରଦା ଓ ଖଣ୍ଡିଆବନ୍ଧ ଆଦି ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ । ପରିଷଦର ସଭାପତି ମୁରଲୀଧର ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଢେଙ୍କାନାଳ ଜିଲା ଶ୍ରୀଜଗନ୍ନାଥ ସେବା ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ ମୁଖ୍ୟ ଅତିଥି ଭାବେ ଏବଂ ସମ୍ମାନିତ ଅତିଥି ଭାବେ ବେଲଟିକିରି ସରପଞ୍ଚ ବଳଭଦ୍ର ସାମଲ, ଉପଦେଷ୍ଟା ସତ୍ୟାନନ୍ଦ ମଲ୍ଲିକ, ବିଭୁପ୍ରସାଦ ଦେହୁରୀ, ଧର୍ମେନ୍ଦ୍ର ପଟ୍ଟନାୟକ ଓ ଦିଲ୍ଲୀପ ସାମଲ ପ୍ରମୁଖ ଯୋଗ ଦେଇଥିଲେ । ସଞ୍ଜୟ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅପରାହ୍ନ ୪ଟାରେ ଯଜ୍ଞରେ ପୂର୍ଣ୍ଣାହୁତି ଦିଆଯାଇଥିଲା ।

# ୧୦୦ ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ



ପରଜଙ୍ଗ, ୩।୨ (ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ କୁଆଳୋ ପଞ୍ଚାୟତ କାର୍ଯ୍ୟାଳୟରେ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜିଲା ଶ୍ରମ ଅଧିକାରୀ ତପନ କୁମାର ସୂତାରଙ୍କ ଅଧ୍ୟକ୍ଷତାରେ ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଉପାଧ୍ୟକ୍ଷା ଯଶସ୍ୱିନୀ ରାଉତ, କୁଆଳୋ ସରପଞ୍ଚ ଅଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉପ ଜିଲା ଶ୍ରମ ଅଧିକାରୀ ସଂଗ୍ରାମ ଦଳେଇ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶ୍ରୀମତୀ ବୈଜୟନ୍ତମାଳା ମଲ୍ଲିକ, ପରଜଙ୍ଗ ବ୍ଲକ ଶ୍ରମ ଅଧିକାରିଣୀ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୩୪ଜଣ ହିତାଧାକାରୀଙ୍କୁ ବିବାହ ସହାୟତା ରାଶି ୧୭ ଲକ୍ଷ ଟଙ୍କା, ୧୭ ହିତାଧିକାରୀଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି ୩୩ ଲକ୍ଷ ଟଙ୍କା, ୩୨ଜଣଙ୍କୁ ଶିକ୍ଷା ସହାୟତା ରାଶି ୩,୩୧,୬୦୦ ଟଙ୍କା, ୧୭ ହିତାଧିକାରୀଙ୍କୁ ଅନ୍ତେଷ୍ଟି କ୍ରିୟାଜନିତ ସହାୟତା ରାଶି ୮୫,୦୦୦ ଟଙ୍କା, ମୋଟ ୧୦୦ ହିତାଧିକାରୀଙ୍କ ଆକାଉଣ୍ଟକୁ ପ୍ରଦାନ କରାଯିବ ଏବଂ ୪୦୦ ହିତାଧିକାରୀ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଇଛି।

# କବିତା ସଂକଳନ 'ମଗ୍ନ ଈଶ୍ୱରୀ'ର ଶୁଭ ଉନ୍ମୋଚିତ

ଢେଙ୍କାନାଳ, ୩।୨ (ରତନ ନାୟାର)



ଢେଙ୍କାନାଳ ପୂର୍ତ୍ତବିଭାଗ ଡାକବଙ୍ଗଳାଠାରେ ରବିବାର କାମିନୀ ରଥ ସ୍ମୃତି ସଂସଦ ପକ୍ଷରୁ କବି ନିବେଦିତା ରଥଙ୍କର ପ୍ରଥମ କବିତା ସଂକଳନ 'ମଗ୍ନ ଈଶ୍ୱରୀ'ର ଶୁଭ ଉନ୍ମୋଚନ ଓ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକାର୍ପଣ ଉତ୍ସବରେ ଅଧ୍ୟାପିକା ଡ. ପୁଷ୍ପଲତା ରଥ ସଭାପତିତ୍ୱ କରିଥିବାବେଳେ କବି ଭୂଷଣ ମୀନକେତନ ଦାସ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ନାୟକ, ସମ୍ପାଦକ ସ୍ମୃତିରଞ୍ଜନ ତ୍ରିପାଠୀ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଆଇନ୍‌ଜୀବୀ ସୁନିଲ୍ କୁମାର ଦାଶ ଯୋଗ ଦେଇଥିଲେ ଆଇନ୍‌ଜୀବୀ ପ୍ରକାଶ ଚନ୍ଦ୍ର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ କବି ନିବେଦିତା ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ କବି ମଧୁମିତା ରଥ ଓ ସୁମିତ୍ରା ମିଶ୍ର କବିତା ପାଠକୁ ସଂଯୋଜନା କରିଥିଲେ । ଆଇନ୍‌ଜୀବୀ ବେଣୁଧର ସାହୁ, ବିପ୍ରବର ସାହୁ, ଫକୀର ଚରଣ ବେହେରା, ଦିଲ୍ଲୀପ ମହାରଣା ପ୍ରମୁଖ ଉପସ୍ଥିତ ଥିବାବେଳେ କବି ସୌମେନ୍ଦ୍ର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମା' ତାରିଣୀଙ୍କ ତ୍ରୟୋଦଶ ଜନ୍ମବାର୍ଷିକୀ ଉତ୍ସବ



ମା' ତାରିଣୀଙ୍କ ତ୍ରୟୋଦଶ ଜନ୍ମବାର୍ଷିକୀ ଉତ୍ସବ ଉପଲକ୍ଷେ କଳସ ଯାତ୍ରା।

ଢେଙ୍କାନାଳ, ୩।୨ (ରତନ ନାୟାର)

ଢେଙ୍କାନାଳ ଦୁର୍ଗାବଜାର ବଡପଣ୍ଡାସାହିସ୍ଥିତ ମା' ତାରିଣୀଙ୍କ ତ୍ରୟୋଦଶ ବାର୍ଷିକୋତ୍ସବ ଶନିବାର ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି । ମା' ତାରିଣୀ ବଣିକ ସଂଘ ଦ୍ୱାରା ଆୟୋଜିତ ପୂଜା ପ୍ରାତଃରୁ ମଙ୍ଗଳ ଆଳତୀ, ନୀତି ପୂଜା, ସୂର୍ଯ୍ୟପୂଜା, ଗୋପୂଜା ପରେ ସ୍ଥାନୀୟ ଭାଗିରଥୀ ସାଗରଠାରେ ପୂଜାର୍ଚ୍ଚନା କରାଯାଇ ବାଦ୍ୟ ଓ ସଂକୀର୍ତ୍ତନ ଦ୍ୱାରା ମହିଳା ଓ ପୁରୁଷମାନେ ସହର ପରିକ୍ରମା କରି କଳସଯାତ୍ରା କରିଥିଲେ । ପରେ ମା'ଙ୍କର କଳସ ପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା ସହିତ ବିଭିନ୍ନ ଭୋଗ ସହିତ ପଣାଭୋଗ ଲାଗି କରାଯାଇଥିବାବେଳେ ମଧ୍ୟାହ୍ନରେ ଯଜ୍ଞ ଓ ଭକ୍ତମାନେ ପ୍ରସାଦସେବନ କରିଥିଲେ। ପୂଜକ ବିକାଶ ଭାଇନା, କର୍ତା ଗୋବିନ୍ଦ ବେହେରା, ସଭାପତି ପ୍ରଶାନ୍ତ କୁମାର ମହାନ୍ତି, ସଂପାଦକ ସୁକାନ୍ତ କୁମାର ଦାସ, କୋଷାଧ୍ୟକ୍ଷ ବିଶ୍ୱଜିତ୍ ବେହେରାଙ୍କ ସମେତ ଟିକନ୍ ଦାସ, ସୁକାନ୍ତ ଦାସ, ପରେଶ ଦେବତା, ପୂର୍ଣ୍ଣଚନ୍ଦ୍ର ବେହେରା, ପଦନ ବେହେରା, ପ୍ରଦୀପ ଦାସ, ସୋନୁ ବିଶ୍ୱାଳ, ମାଧବ ବେହେରା ଓ ଯଶୋବନ୍ତ ଦାସଙ୍କ ସମେତ ସମସ୍ତ ବଣିକ ସଂଘର ସଦସ୍ୟମାନେ ସହଯୋଗ କରିଥିଲେ ।

# ୫୫ ୟୁନିଟ ରକ୍ତ ସଂଗ୍ରହ

ପରଜଙ୍ଗ, ୩।୨ (ନିଗମାନନ୍ଦ ଦଳବେହେରା)

ସରସ୍ୱତୀ ପୂଜା ଉପଲକ୍ଷେ ସାଆନ୍ଦା ପଞ୍ଚାୟତ ତଳବେରଣା ଗ୍ରାମର ବଜରଙ୍ଗୀ କ୍ଲବ ତରଫରୁ ସୋମବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଡ଼ିଓ ସୌଭାଗ୍ୟ ବେହେରା ଯୋଗଦେଇଥିଲେ। ଏଥିରେ ୫୫ଜଣ ରକ୍ତଦାନ କରିଥିଲେ। ବଜରଙ୍ଗୀ କ୍ଲବର ସଦସ୍ୟ ଆଶିଷ ପଣ୍ଡା କହିଥିଲେ ଯେ, ଏହିଭଳି କାର୍ଯ୍ୟ ବଜରଙ୍ଗୀ କ୍ଲବ ପକ୍ଷରୁ ସବୁ ଆୟୋଜନ କରାଯିବ। କ୍ଲବ ସଭାପତି ଭବେଶ ପଣ୍ଡା ଓ ସମ୍ପାଦକ ପ୍ରସାଦ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ାପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ମାତୃ ସମ୍ମିଳନୀ



ଓଡ଼ାପଡ଼ା, ୩।୨ (ରଞ୍ଜିତ ନାୟକ)

ସ୍ଥାନୀୟ ଓଡ଼ାପଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସୋମବାର ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା ସମିତିର ସଂପାଦିକା ବନଲତା ମହାପାତ୍ର ଅଧକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦୁର୍ଗା ଚରଣ ରାଉତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ମାତୃ ଭାରତୀର ସଭାପତି ସରୋଜିନୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ମା' ଶାରଦା ନିକଟରେ ଦ୍ୱୀପ ପ୍ରଜ୍ଜ୍ୱଳନ କରି ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। ଆରମ୍ଭରେ ପ୍ରଧାନ ଆଚାର୍ଯ୍ୟ ଦୁର୍ଗା ଚରଣ ରାଉତ ମାତୃସମ୍ମିଳନୀର ଆଭିମୁଖ୍ୟ, ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ବରିଷ୍ଠ ଗୁରୁଜୀ ନିର୍ମଳ କୁମାର ବେହେରା ଜାତୀୟ ଶିକ୍ଷାନୀତି ବିଷୟରେ ଧାରଣା ପ୍ରଦାନ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର କୋଷାଧକ୍ଷ ସନ୍ତୋଷ କୁମାର ମହାଭୋଇ ପ୍ରମୁଖ ସହଯୋଗ କରିଥିଲେ। ସହ ପ୍ରଧାନ ଆଚାର୍ଯ୍ୟ ଗଗନ ବିହାରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଘଟିପିରି କ୍ଲଷ୍ଟରରେ ନିପୁଣ ମେଳା କାର୍ଯ୍ୟକ୍ରମ

ଢେଙ୍କାନାଳ, ୩।୨ (ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଘଟିପିରି କ୍ଲଷ୍ଟର ଅନ୍ତର୍ଗତ ଓସ୍ତପାଳ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ନିପୁଣ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ମେଳାରେ ଭାଷାଗତ ଜ୍ଞାନ ଓ ସଂଖ୍ୟା ଜ୍ଞାନ ବୃଦ୍ଧି, ଶିକ୍ଷାର୍ଥୀ ଓ ଶିକ୍ଷକମାନଙ୍କ ଦ୍ୱାରା ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ତାହାକୁ କପରି ଶ୍ରେଣୀଗୃହରେ ବ୍ୟବହାର କରି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ପିଲାମାନଙ୍କର ଶୈକ୍ଷିକ ଦକ୍ଷତା ବୃଦ୍ଧି କରାଯାଇବ, ସେ ସମ୍ପର୍କରେ ସିଆରିସିସି ଆଲୋଚନା କରିଥିଲେ । ଏହି ମେଳାରେ କୋଟବେରେଣା ବିଦ୍ୟାଳୟର ସୁଭଦ୍ରା କଟୁଆଳ, ଓସ୍ତପାଳ ବିଦ୍ୟାଳୟର ସ୍ନେହମୟୀ ସାହୁ, ରାଣିପାଳ ପ୍ରାଥମିକି ବିଦ୍ୟାଳୟର ଶିକ୍ଷୟିତ୍ରୀ ଇପ୍‌ସିତା ପଣ୍ଡା, ପାଣମୁର୍ଗା ପ୍ରାଥମିକ ବିଦ୍ୟାଳୟର ଅଶ୍ୱିନୀ କୁମାର ବେହେରା, ଗୋବିନ୍ଦ ପ୍ରସାଦ ଉପ୍ରା ବିଦ୍ୟାଳୟର ପୁଷ୍ପାଞ୍ଜଳି ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ସିଆରିସିସି ମହେଶ୍ୱର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶଶିଭୂଷଣ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ବର୍ଗିଆ ସଭାପତିତ୍ୱ କରିଥିଲେ। ଓସ୍ତପାଳ ବିଦ୍ୟାଳୟର ପ୍ରଧାନ ଶିକ୍ଷକ



ସନ୍ତୋଷ କୁମାର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ସୌଭାଗିନୀ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି ରାଧା ସାହୁଙ୍କ ସମେତ ଅଭିଭାବକ ଓ ବିଭିନ୍ନ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ ।

# ଗୋ ହତ୍ୟା ଅଭିଯୋଗ

ଛେଣ୍ଡିପଦା, ୩।୨ (ଅଜିତ୍ ଧଳ)

ଅନୁଗୋଳ ଜିଲା ଜରପଡ଼ା ଥାନା ବ୍ରାହ୍ମଣବିଲ ଗାଁରେ ମାଂସ ଖାଇବା ପାଇଁ ଏକ ବାଛୁରୀକୁ ପିଟି ହତ୍ୟା କରିଥିବା ନେଇ ଜରପଡ଼ା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଦୁଧିଆବେଡା ଗ୍ରାମର ଧୀର୍ ଗୋଛାୟତ, ଦୁର୍ଯ୍ୟୋଧନ ଗୋଛାୟତ, ନରସିଂହ ଗୋଛାୟତ ମାଂସ ଭୋଜି ପାଇଁ ଏକ ବାଛୁରୀକୁ ପିଟି ହତ୍ୟା କରିଥିବା ନେଇ ସ୍ଥାନୀୟ ରାଷ୍ଟ୍ରୀୟ ବଜରଙ୍ଗ ଦଳ ସଦସ୍ୟ ଜାଣିବା ପରେ ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କୁ କାବୁକରି ପୋଲିସ ଜିମା ଦେଇଥିଲେ। ପରେ ସେମାନଙ୍କ ବିରୋଧରେ ଜରପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିବା ସହ କେସ୍ ନଂ ୪୨/୨୫ରେ ଏକ ମାମଲା ରୁଜୁକରି ୩ ଜଣଙ୍କୁ ଅଟକରଖି ଘଟଣାର ତଦନ୍ତ ଚଳାଇଛି।

# ଶୃଙ୍ଖଳାର ସହ ଅଧ୍ୟୟନ କରି ଉତ୍ତମ ନାଗରିକ ହୁଅ

**ମା' ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ**

ଢେଙ୍କାନାଳ, ୩।୨ (ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ମାଣିପୁର ଗ୍ରାମପଞ୍ଚାୟତର ଦେଓପଡା ଗ୍ରାମର ମା' ସରସ୍ୱତୀ ଶିକ୍ଷା ମନ୍ଦିର ବିଦ୍ୟାଳୟର ୧୫ତମ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ପ୍ରସନ୍ନ ପୁରୁଷୋତ୍ତମ ଦେବ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ବେହେରା, ସିନର୍ଜି କଲେଜର ଅଧ୍ୟକ୍ଷ ମାତୃ ପ୍ରସାଦ ଦାଶ, ମାଣିପୁର ପଞ୍ଚାୟତ ସରପଞ୍ଚ ରୁଦ୍ର ନାରାୟଣ ପଟ୍ଟନାୟକ ଓ ପଦାତିକ ବାହିନୀ ସଦସ୍ୟ ଦେବାଶିଷ ଜେନା ପ୍ରମୁଖ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଦର୍ଶ ଛାତ୍ର ଭାବେ ଓ ଶୃଙ୍ଖଳାର ସହ ଅଧ୍ୟୟନ କରି ଜଣେ ଉତ୍ତମ ନାଗରିକ ହେବାକୁ ଛାତ୍ରୀଛାତ୍ରମାନଙ୍କୁ ଆହ୍ୱାନ ଦେଇଥିଲେ। ଶିକ୍ଷାନୁଷ୍ଠାନର



ମା ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ ।

ପରିଚାଳନା ପରିଷଦ ଅଧ୍ୟକ୍ଷ ରାଜୀବ ରଞ୍ଜନ ଧଳ ଉତ୍ସବରେ ସଭାପତିତ୍ୱ କରିଥିଲେ । ସମ୍ପାଦକ ବିଜୟ କୁମାର ପଣ୍ଡା ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଶର୍ମିଷ୍ଠା ମହାନ୍ତି ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ମିନର୍ଭା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଉପଲକ୍ଷେ ବିଦ୍ୟାଳୟର କ୍ରୀଡା ଓ ଅନ୍ୟାନ୍ୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସୌମ୍ୟା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଶିକ୍ଷୟିତ୍ରୀ ପୂର୍ଣ୍ଣିମା ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ନିଶାତ୍ ଅଫରିନ୍ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ତୟୋଶା ପଟ୍ଟନାୟକ, ସରସ୍ୱତୀ ଛାଟୋଇ, ବର୍ଷାରାଣୀ ମହାରଣା ଓ ମଧୁସ୍ମିତା ବେହେରା ଏଥିରେ ସହଯୋଗ କରିଥିଲେ ।

